**ସୋରଡାକୁ ଗଡ଼ିଲା ସରକାରୀ ଏସି ବସ୍**

ସୋରଡା,(ରଜନୀ ମହାପାତ୍ର)ସୋରଡାରୁ ଭୁବନେଶ୍ୱର ଓ କଟକ ପାଇଁ ସରକାରୀ ଏସି ବସ୍‌ର ସୁବିଧା ବର୍ତ୍ତମାନ ମିଳିଛି। ଗତ କିଛି ବର୍ଷ ହେଲା ଅଞ୍ଚଳବାସୀ ଏକ ସରକାରୀ ବସ୍ ଚଳାଚଳ ପାଇଁ ଦାବି କରୁଥିଲେ। ସରକାର ଦାବି ଗ୍ରହଣ କରି ଗୋଟିଏ ସାଧାରଣ ବସ ଉକ୍ତ ଅଞ୍ଚଳରେ ଚଳାଚଳ ଲାଗି ବ୍ୟବସ୍ଥା କରିଥିଲେ। ଗତ କିଛି ଦିନ ତଳେ ବୈଷୟିକ ତ୍ରୁଟି କାରଣରୁ ବସ୍‌ଟି ଏହି ରୁଟ୍‌ରେ ବନ୍ଦ ହୋଇ ଯାଇଥିଲା। ଏନେଇ ଡିଟିଏମଙ୍କ ସହ ଯୋଗାଯୋଗ କରି ଏଠାରୁ ଭୁବନେଶ୍ୱର ଓ କଟକକୁ ଏକ ଭଲ ସରକାରୀ ବସ୍ ଦେବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଥିଲେ।



## ସଂକ୍ଷେପରେ

### ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ୨ ଶାଖା ପରିଚାଳକ ନିଲମ୍ବିତ

ଆସିକା,୯।୧(ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଅଧୀନ ବ୍ୟାଙ୍କ ସଂଲଗ୍ନ ମହିଳା ଶାଖା ଓ ବସ୍‌ଷ୍ଟାଣ୍ଡସ୍ଥିତ ସଦର ଶାଖା ପରିଚାଳକଙ୍କୁ ଗୁରୁବାର ନିଲମ୍ବିତ କରାଯାଇଛି । ବ୍ୟାଙ୍କର ନିଯୁକ୍ତି କମିଟିର ଏକ ବୈଠକରେ ଏହି ୨ ଶାଖା ପରିଚାଳକଙ୍କ କାର୍ଯ୍ୟ ତଦନ୍ତ ପରେ ନିଯୁକ୍ତି କମିଟି ସୁପାରିଶକ୍ରମେ କାର୍ଯ୍ୟାନୁଷ୍ଠାନ ହୋଇଛି। ନିଯୁକ୍ତି କମିଟି ନିଷ୍ପତ୍ତି ମୁତାବକ ମହିଳା ଶାଖା ପରିଚାଳକ ପ୍ରଦୀପ କୁମାର ରଥ ଓ ସଦର ଶାଖା ପରିଚାଳକ ନିରଞ୍ଜନ ପୃଷ୍ଟିଙ୍କୁ ନିଲମ୍ବିତ କରାଯାଇଥିଲା ବେଳେ ସେମାନଙ୍କ ବିରୋଧରେ ଆସିଥିବା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଲାଗି ୩ ଜଣିଆ କମିଟି ଗଠନ କରାଯାଇଥିବା ବ୍ୟାଙ୍କ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ମାଧେଇ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ମୁତାବକ, ସମବାୟ କେନ୍ଦ୍ର ବ୍ୟାଙ୍କର ମହିଳା ଶାଖାରେ ଗତବର୍ଷ ଜାଲ୍ ପୋଷ୍ଟାଲ ବଣ୍ଡ ରଖି ଜଣେ ମହିଳାଙ୍କୁ ୧କୋଟି ୩୪ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା । ସେହିଭଳି ସଦର ଶାଖା ଅଧୀନରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଆସିଥିବା ୧କୋଟି ୯୮ ଲକ୍ଷ ଟଙ୍କା ପ୍ରଦାନରେ ଅନିୟମିତତା ହୋଇଥିବା ଜଣାପଡିଥିଲା । ଏସବୁ ଅନିୟମିତତା ନାବାର୍ଡର ଏକ ତଦନ୍ତକାରୀ ଦଳର ଦୃଷ୍ଟିକୁ ଆସିବା ପରେ ସଂପୃକ୍ତ ଟିମ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ ।

### ଦିନକରେ ୨ ମୃତଦେହ ଜବତ

ବ୍ରହ୍ମପୁର, ୯।୧(ସୁବାସ ଚନ୍ଦ୍ର ପାଢ଼ୀ) ବୈଦ୍ୟନାଥପୁର ପୋଲିସ ଗୁରୁବାର ପୃଥକ ସ୍ଥାନରୁ ୨ ଯୁବକଙ୍କ ମୃତଦେହ ଜବତ କରିଛି। ନୂଆ ବସଷ୍ଟାଣ୍ଡ ନିକଟ ନାଳ ଭିତରୁ ଜବତ ମୃତଦେହର ପରିଚୟ ମିଳିନାହିଁ। ବୟସ ୩୦ରୁ ୩୫ ବର୍ଷ ହେବ ବୋଲି ପୋଲିସ କହିଛି। ସେହିପରି ଅଶୋକ ନଗରରେ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଅଜିତ କୁମାର ସାହୁ(୩୨)। ପୋଲିସ ୨ ମୃତଦେହର ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାଥମିକ ତଦନ୍ତରୁ ନାଳରୁ ମିଳିଥିବା ମୃତ ଯୁବକଙ୍କ ଦେହରେ କୌଣସି କ୍ଷତ ଚିହ୍ନ ନାହିଁ। ନିଶାପାନ କରି ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସେହିପରି ଅଜିତ ଟଙ୍କା ଧାର ଆଣି ସୁଝି ପାରୁନଥିବାରୁ ମାନସିକ ଚାପରେ ରହି ଏଭଳି ଭାବେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ନେଇ (ନଂ.୧୫ ଓ ୧୬/୨୫)ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପୋଲିସର ଗାଡ଼ିମୋଟର ଯାଞ୍ଚ

ମୋହନା,୯।୧(ମନ୍ମଥ ମିଶ୍ର) ଚଳିତ ୧ ତାରିଖରୁ ସଡ଼କ ସୁରକ୍ଷା ସପ୍ତାହ ଦିବସ ପାଳନ ଅବସରରେ ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ମୋହନା କଲେଜ ରାସ୍ତା, ହାଇସ୍କୁଲ ଛକ, କଣ୍ଟେଇକୋଳି ରୋଡ଼ରେ ଗାଡିମୋଟର ଯାଞ୍ଚ କରିଛି। ବେପାରୁଆ ଭାବରେ ବାଇକ ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲମେଟ ନ ଥାଇ ଗାଡ଼ି ଚଳାଇବା, ସିଟ ବେଲ୍ଟ ନ ଲଗାଇବା,ଡ୍ରାଇଭର ଲାଇସେନ୍ସ ନ ଥିବା ନେଇ ଯାଞ୍ଚ କରାଯାଇଥିଲା । ଏଥିରୁ ୩୮୬ ଜଣଙ୍କ ଚାଲାଣ କଟିଥିବାବେଳେ ୧୦୦ରୁ ଅଧିକ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଲାଗି ପଦକ୍ଷେପ ନିଆଯାଇଛି। ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆକାରରେ ଆଦାୟ ହୋଇଥିବା ଥାନା ଅଧିକାରୀ ସେଠୀ କହିଛନ୍ତି। ଏହି ଯାଞ୍ଚରେ ଏସ୍‌ଆଇ ବି.ନୀଳମାଧବ ରେଡ୍ଡୀ ଓ ସୌମ୍ୟ ରଞ୍ଜନ ବରାଳ ସାମିଲ ଥିଲେ।

### ଚକରା ବିଷୋୟୀଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର, ୯।୧(ସ୍ମୃତି ରଞ୍ଜନ ମହାଲିକ) ପୂଜ୍ୟପୂଜା ସମିତି ପକ୍ଷରୁ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ଚକରା ବିଷୋୟୀଙ୍କ ୨୦୨ତମ ଜୟନ୍ତୀ ବିଜିପୁର କମ୍ୟୁନିଟି ହଲ ପରିସରରେ ପାଳିତ ହୋଇଯାଇଛି। ଚକରା ପିଲାଦିନରୁ କିଭଳି ଇଂରେଜଙ୍କ ବିରୋଧରେ ସଂଗ୍ରାମ କରି ପ୍ରାଣ ଦେଇଛନ୍ତି ସେ ସଂପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ତାଙ୍କ ଭଳି ସାହସୀ ଓ ଦେଶପ୍ରେମୀ ବିରଳ ବୋଲି ବକ୍ତାମାନେ କହିଥିଲେ। ଏଥିସହ ସହର ମଧ୍ୟରେ ଚକରା ବିଶୋୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ହୋଇଥିଲା। ମାନବ ଅଧିକାର ସୁରକ୍ଷା ମଂଚ ସଭାପତି ଗଗନ ଚନ୍ଦ୍ର ମଲିକ, ଶିକ୍ଷକ ସଂଘ ନେତା ବିଜୟ କୁମାର ବେହେରା, ସମାଜସେବୀ କବିରାଜ ସାହୁ, ଆପ ନେତା ଆଦିତ୍ୟ ନାରାୟଣ ରଥ ଓ ଦୁର୍ଯ୍ୟୋଧନ ସାହୁଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଚକରା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଥିଲେ

ଭଞ୍ଜନଗର,୯।୧(ବାବୁଲା ପ୍ରଧାନ) ଘୁମୁସରର ବୀର ଚକରା ବିଷୋୟୀଙ୍କ ୨୦୨ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭଞ୍ଜନଗର ଟାଉନ ହଲଠାରେ ଗୁରୁବାର ପାଳିତ ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଏହାକୁ ଉଦ୍‌ଘାଟନ କରିଥିଲେ। ଉପ ଜିଲାପାଳ ଅନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ଲେଖକ ପ୍ରଦୀପ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚକରା ବିଷୋୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଚକରା ବିଷୋୟୀ କଲଚୁରାଲ ଏକାଡେମୀ ସଭାପତି ଜଗବନ୍ଧୁ ଜେନା, ସମ୍ପାଦକ ନେତାଜୀ ବିଷୋୟୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସଂଯୋଜନା କରିଥିଲେ। ଉପସ୍ଥିତ ଅତିଥିମାନେ କହିଥିଲେ ଯେ, ୧୮୨୩ରେ ଚକରା ବିଷୋୟୀ ଘୁମୁସରରେ ଜନ୍ମ ଗ୍ରହଣ କରିଥିଲେ। ବ୍ରିଟିଶ ଶାସକ ୧୮୩୬ରେ ଚକରା ଏବଂ ତାଙ୍କ ଦାଦା ଦୋହରା ବିଷୋୟୀଙ୍କୁ ଗିରଫ କରିଥିଲେ। କିନ୍ତୁ ଚକରା ସେତେବେଳେ ନାବାଳକ ଥିବାରୁ ସେ ଜେଲରୁ ମୁକୁଳି ଯାଇଥିଲେ। ପରେ ଚକରା ୧୩ ବର୍ଷ ବୟସରେ ବ୍ରିଟିଶଙ୍କ ବିରୋଧରେ ଲଢେଇ କରିବା ପାଇଁ ଘର ଛାଡ଼ି ଜଙ୍ଗଲକୁ ଚାଲି ଯାଇଥିଲେ। ଏହି ସମୟରେ ସେ ୪୨ଟି ଆଦିବାସୀ ଗ୍ରୁପ ଗଠନ କରିଥିଲେ। ସେମାନଙ୍କ ସହଯୋଗରେ ୧୮୩୬ରୁ ୧୮୫୬ ପର୍ଯ୍ୟନ୍ତ ଚକରା ଏବଂ ତାଙ୍କ ସ୍ତ୍ରୀ ତାରକା ମିଶି ବ୍ରିଟିଶ ଶାସକଙ୍କ ବିରୋଧରେ ଲଢେଇ ଜାରି ରଖିଥିଲେ। ଚକରା ଏବଂ ତାରକା ତନ୍ତ୍ର ବିଦ୍ୟା ବଳରେ ବ୍ରିଟିଶ ସରକାରଙ୍କ ବିରୋଧରେ ଲଢ଼େଇ କରୁଥିଲେ। ଫଳରେ ଚକରାଙ୍କୁ ବ୍ରିଟିଶ ଶାସକ ଧରିପାରି ନ ଥିଲେ। ଚକରାଙ୍କ ମୃତ୍ୟୁ ସମ୍ପର୍କରେ କିଛି ତଥ୍ୟ ଜଣାପଡ଼ିନାହିଁ। ଚକରା ଏବଂ ତାଙ୍କ ସ୍ତ୍ରୀ ହେଉଛନ୍ତି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ୧୮୪୬ରେ ଦୋହରା ବିଷୋୟୀ ଜେଲରେ ବନ୍ଦୀ ଥିବା ବେଳେ ମୃତ୍ୟୁବରଣ କରିଥିଲେ। ଏହି ଖବର ଚକରା ଜାଣିବା ପରେ ବ୍ରିଟିଶଙ୍କ ବିରୋଧରେ ଜୋରଦାର ଲଢ଼େଇ କରିଥିଲେ। ବ୍ରିଟିଶ ଶାସକ ଭୟଭୀତ ହୋଇ ପଡ଼ିଥିଲେ। ଶେଷରେ ଚକରାଙ୍କୁ ଧରିବା ପାଇଁ ବ୍ରିଟିଶ ଶାସକ ସେ ସମୟରେ ୧୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ମାତ୍ର ବ୍ରିଟିଶ ଶାସକଙ୍କ ସବୁ ଚେଷ୍ଟା ବିଫଳ ହୋଇଥିଲା। ଚକରା ଜଣେ ଯୋଦ୍ଧା। ସେ ନିଜ ପାଇଁ ଲଢ଼େଇ କରୁ ନ ଥିଲେ। ମା ମାଟି ପାଇଁ ସେ ଲଢ଼େଇ କରୁଥିଲେ। ଘୁମୁସର ବିଦ୍ରୋହ ହେଉଛି ଦେଶର ପ୍ରଥମ ବିଦ୍ରୋହ ବୋଲି ବକ୍ତାମାନେ କହିଥିଲେ।

**ଚକରା ବିଷୋୟୀଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ**



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରୁଛନ୍ତି।

କାର୍ଯ୍ୟକ୍ରମ ପୂର୍ବରୁ ବିଧାୟକ ନାୟକ ସ୍ଥାନୀୟ ବାଇପାସ ଛକରେ ଥିବା ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସେଠାରୁ ଚକରା ଘାଟିକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ସ୍ଥାନରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ଲେଖକ ପ୍ରଶାନ୍ତ ମହାନ୍ତି, ଭାଜପା ନେତା ଲକ୍ଷ୍ମୀ ନାରାୟଣ ପଣ୍ଡା, ସନ୍ତୋଷ ତିଆଡି, ସୁବାସ ଚନ୍ଦ୍ର ବରାଡ, ଡ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଡ. ଶିବରାମ ପଣ୍ଡା, ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ନାୟକ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ଓମ ସଙ୍ଗୀତ ଏକାଡେମୀ ନିର୍ଦ୍ଦେଶକ ପ୍ରଦୀପ ସ୍ୱାଇଁ ପରିଚାଳନା କରିଥିଲେ।

### ଜାତୀୟ ବିଚ୍ ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର ଜିତେଶ

ବ୍ରହ୍ମପୁର, ୯।୧(ସ୍ୱାଧୀନ ଶେଖର ପାଢ଼ୀ) ଶୁକ୍ରବାରଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଆସାମର ଗୌହାଟି ଠାରେ ହେବାକୁ ଥିବା ଜାତୀୟ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡିଶା ବିଚ ହ୍ୟାଣ୍ଡବଲ ଦଳ ଆସାମ ଯାତ୍ରା କରିଛି। ଏହି ଦଳରେ ବ୍ରହ୍ମପୁର ସହରର ଜିତେଶ କୁମାର ଜେନା ଆସାମ ଯାତ୍ରା କରିଛନ୍ତି । ଜିତେଶ ପୂର୍ବରୁ ବହୁ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ସେ ନିୟମିତ ଖଲିକୋଟ କଲେଜ ଖେଳ ପଡିଆରେ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ତାଲିମ ନେଉଛନ୍ତି । ତାଙ୍କର ଏହି ସଫଳତା ପାଇଁ ଜିଲା ହ୍ୟାଣ୍ଡବଲ ଦଳର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ଜିଲା ହ୍ୟାଣ୍ଡ ବଲ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ଡାକ୍ତର ମନୋଜ କୁମାର ପାତ୍ରଙ୍କ ସହ ଅନ୍ୟ ସମସ୍ତ କର୍ମକର୍ତ୍ତା ଏବଂ ଜିଲାର ସମସ୍ତ ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି ।

## ବ୍ରହ୍ମପୁରରେ ହାଇକୋର୍ଟ ମୁଖ୍ୟ ବିଚାରପତି, ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ଡିପିଆର୍ ଦେଖିଲେ

ବ୍ରହ୍ମପୁର,୯।୧(ସୁବାସ ଚନ୍ଦ୍ର ପାଢ଼ୀ) ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ସରଣ ସିଂ ଗୁରୁବାର ଗଞ୍ଜାମ ଗସ୍ତରେ ଆସି ବ୍ରହ୍ମପୁରସ୍ଥିତ ଜିଲା ଓ ଦୌରା ଜଜଙ୍କ କୋର୍ଟ ପରିଦର୍ଶନ କରିଛନ୍ତି। ବ୍ରହ୍ମପୁର ଠାରେ ନିର୍ମାଣ ହେବାକୁ ଥିବା ନୂତନ ଜୁଡିସିଆଲ କମ୍ପ୍ଲେକ୍ସ କୋଠାର ନକ୍ସା ଦେଖିବା ସହ ସେ ବିଷୟରେ ଜିଲା ଜଜ୍, ଓକିଲ ସଂଘ କର୍ମକର୍ତ୍ତା ଏବଂ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ବିଚାରପତିଙ୍କ ସହ ଗଞ୍ଜାମର ପ୍ରୋଟୋକଲ ଜଜ୍ ବିଭୂପ୍ରସାଦ ରାଉତରାୟ ଉପସ୍ଥିତ ଥିଲେ । ମୁଖ୍ୟ ବିଚାରପତି ଅପରାହ୍ନରେ ଷ୍ଟେସନ ରୋଡ ସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ଉଭୟ ମୁଖ୍ୟ ବିଚାରପତି ଓ ପ୍ରୋଟକଲ ଜଜ୍ ଜିଲା କୋର୍ଟରେ ପହଞ୍ଚିଥିଲେ ।



ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ସ୍ୱାଗତ କରାଯାଉଛି।

ସେଠାରେ ମୁଖ୍ୟ ବିଚାରପତି ପହଞ୍ଚିବା ପରେ ଜିଲା ଜଜ୍ ରୂପଶ୍ରୀ ଚୌଧୁରୀ, ପିପି ତ୍ରିଲୋଚନ ପରିଡା, ଗଞ୍ଜାମ ଓକିଲ ସଂଘ ସଭାପତି ନୟନଚନ୍ଦ୍ର ମହାପାତ୍ର ତାଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ବିଚାରପତି ଜିଲା ଅଦାଲତ ପରିସର ପରିଦର୍ଶନ କରିବା ପରେ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ବିଷୟରେ ଜିଲା ଜଜ୍ ଏବଂ ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଠାରେ ୪ ମହଲା ବିଶିଷ୍ଟ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ହେବାକୁ ଯାଉଥିବା ବେଳେ ସେ ନେଇ ଡିପିଆର ଶେଷ ହୋଇଛି । ମୁଖ୍ୟ ବିଚାରପତି ଡିପିଆର ଦେଖିବା ପରେ ଅଧିକ୍ଷଣ ଯନ୍ତ୍ରୀ ସୋମନାଥ ତ୍ରିପାଠୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏହି ସମୟରେ ଜିଲା କୋର୍ଟ ପରିସରରେ ଥିବା ବିଭିନ୍ନ ଅଦାଲତର ଜଜ୍, କୋର୍ଟ ମ୍ୟାନେଜର, ଓକିଲ ସଂଘ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, ଉପସଭାପତି ରାମପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦକ ଗିରିଜାଶଙ୍କର ବେହେରା, ସଂଘର ଅନ୍ୟ କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ ପିତବାସ ପଣ୍ଡା, ଏସ. ରାମ କୁମାର, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ସଞ୍ଜୟ ମିଶ୍ର, ନିର୍ମଳ ସାହୁ ଡି. ପ୍ରସାଦ ଦୋରା, ଅସିତ ଶତପଥି, କପିଳ ପଟ୍ଟନାୟକ, ସୁଶୀଲ ତ୍ରିପାଠୀ, ରାମ ମହାପାତ୍ର, ବାଲକୃଷ୍ଣ ପଲାଇ ସମେତ ସୂର୍ଯ୍ୟନାରାୟଣ ଚୌଧୁରୀ, ତାପସ ସାହୁ, ପ୍ରମିତ ମହାପାତ୍ର, ବିଶ୍ୱଜିତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଉପ ଜିଲାପାଳ ଦିନା ଦସ୍ତାଗିର, ଏସପି ଡା. ସର୍ବଣା ବିବେକ ଏମ, ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଏସ୍‌ଡିଜେଏମ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା




ଏସଡିଜେଏମ୍‌ଙ୍କୁ ବିଦାୟ ଦିଆଯାଉଛି।

ବ୍ରହ୍ମପୁର,୯।୧ (ସୁବାସ ଚନ୍ଦ୍ର ପାଢ଼ୀ) ହାଇକୋର୍ଟ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଏସଡିଜେଏମ ପ୍ରଜ୍ଞା ପରିମିତା ପ୍ରତିହାରୀଙ୍କ ସୋନପୁର କୋର୍ଟର ରେଜିଷ୍ଟ୍ରାର ଭାବେ ବଦଳି ହୋଇଛି । ସେହିକ୍ରମରେ ବୁଧବାର ଗଞ୍ଜାମ ଓକିଲ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ସଭାପତି ନୟନଚନ୍ଦ୍ର ମହାପାତ୍ର, ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ରଘୁନାଥ ପ୍ରସାଦ ପାଣିଗ୍ରାହୀ, ଅକ୍ଷୟ ପଟ୍ଟନାୟକ, ବରୁଣ ଗୌଡ଼, ଗିରିଜା ବେହେରା, ଗୌରୀ ଦାଶ, ନାରାୟଣ ସାହୁ, ସଞ୍ଜୟ ପାଣିଗ୍ରାହୀ, କୁନାଲ ସାହୁ, ଅଭୟ ପଣ୍ଡା, ଶମ୍ଭୁ ପାଣିଗ୍ରାହୀ ସମେତ ବହୁ ଆଇନଜୀବୀ ଏସଡିଜେଏମଙ୍କ ଅଦାଲତରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରକାଶଥାଉକି, କେନ୍ଦ୍ରପଡା ସଦର ଏସଡିଜେଏମ ଭାବେ କାର୍ଯ୍ୟରତ ଥିବା କୁମାର ସ୍ୱନ୍ଦନଙ୍କ ବ୍ରହ୍ମପୁର ଏସଡିଜେଏମ ଭାବେ ବଦଳି ହୋଇଛି ।

## ପାରଳାଖେମୁଣ୍ଡିରେ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ସମୀକ୍ଷା

ପାରଳାଖେମୁଣ୍ଡି/ ଗୁମ୍ମା,୯।୧(ଗିରିଧାରୀ ପରିଛା/ ପ୍ରବୀଣ କୁମାର ଲିମା)– କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପର ରାଷ୍ଟ୍ରମନ୍ତ୍ରୀ ରକ୍ଷନିଖିଲ ଖଡସେ ଗୁରୁବାର ଦିନିକିଆ ଗଜପତିଗସ୍ତରେ ଆସି ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରଛନ୍ତି। ପରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଛନ୍ତି। ଆକାଂକ୍ଷା ଜିଲାର ଗୁମ୍ମା ବ୍ଲକ ଅନ୍ତର୍ଗତ ମୁନିସିଂଠାରେ କାର୍ଯ୍ୟକାରୀ ହେଉଥିବା ରବର କମ୍ପାନୀ ଓ ରବର ଚାଷ କାର୍ଯ୍ୟ ବୁଲି ଦେଖିବା ସହ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ପଚାରି ବୁଝିଥିଲେ। ସେହିପରି ରତଙ୍ଗଡ଼ାର ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଅନୁକୁଣ୍ଡାଗୁଡା ଅଙ୍ଗନୱାଡି କେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟର ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ଦେଖି କେନ୍ଦ୍ର ମନ୍ତ୍ରୀ ଖଡସେ ଖୁସିବ୍ୟକ୍ତ କରିଥିଲେ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଗଜପତି ଜିଲାର ବିକାଶ ଆଗେଇ ଚାଲିଛି। ଆହୁରି ଅଧିକରୁ ଅଧିକ ଜିଲାକୁ ବିକାଶ କରିବା ପାଇଁ କିଭଳି କାର୍ଯ୍ୟ କରାଯିବ ସେ ନେଇ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଛି। ସେହିପରି କେନ୍ଦ୍ରମନ୍ତ୍ରୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ, କୃଷି, ଜଳ ସମ୍ପଦ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ଦକ୍ଷତା ବୃଦ୍ଧି ଓ ମୌଳିକ ଆବଶ୍ୟକତା ପୂରଣ ଭଳି ୫ଟି କ୍ଷେତ୍ରରେ ମାପଦଣ୍ଡକୁ ଆଧାର କରି ନୀତି ଆୟୋଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିକାଶମୂଳକ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ। ପିଏମ ଜନମନ ଆବାସ ପ୍ରକଳ୍ପ, ଏମ୍‌ଜିଏନଆରଇଜିଏସ୍, ସ୍ୱଚ୍ଛ ଭାରତ ଅଭିଯାନରେ ଚାଲିଥିବା ପରିମଳ ପ୍ରକଳ୍ପ, ଆୟୁଷ୍ମାନ ଭାରତ ଆଦି କାର୍ଯ୍ୟକ୍ରମ ମଧ୍ୟ ସମୀକ୍ଷା କରିଥିଲେ।



ଗୁମ୍ମାର ମୁନିସିଂଠାରେ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀଙ୍କୁ ଜିଲାପାଳ ଏକ ପ୍ରକଳ୍ପ ସଂପର୍କରେ ବୁଝାଉଛନ୍ତି ।

କେନ୍ଦ୍ର ମନ୍ତ୍ରୀଙ୍କ ସମୀକ୍ଷା ସମୟରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଜିଲାର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ୧୯୪୯ରେ ହୋଇଥିବା ରଣଜୀ ଟ୍ରଫି ଓଡିଶା ପକ୍ଷରୁ ଖେଳିଥିବା ସମସ୍ତ ୧୧ଜଣ ଖେଳାଳି ପାରଳାଖେମୁଣ୍ଡିର ଥିଲେ। ତେଣୁ ପାରଳାଖେମୁଣ୍ଡିରେ ବହୁ ପ୍ରତିଭା ରହିଛନ୍ତି। ନେଟ ପ୍ରାକ୍ଟିସି ପାଇଁ ଗୋଟିଏ ଖେଳ ପଡିଆ କରିବା, ପ୍ରତ୍ୟେକ ବ୍ଲକରେ ଗୋଟିଏ ଇଣ୍ଡୋର ଷ୍ଟାଡିୟମ କରିବା ସହ ରାସ୍ତା ମରାମତି ପାଇଁ ସର୍ଭେ, ନେଟୱର୍କ ଟାୱାର, ପାନୀୟ ଜଳ ଆଦି ବିଷୟରେ ମନ୍ତ୍ରୀଙ୍କୁ ଜଣାଇଥିଲେ। ମନ୍ତ୍ରୀ ଜିଲା ପ୍ରଶାସନକୁ ଏସବୁ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଜିଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼. ଗୁଣନିଧି ନାୟକ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଉପଜିଲାପାଳ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ସମ୍ପୃକ୍ତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଂଶୁମାନ ମହାପାତ୍ର ଉପସ୍ଥିତ ଥିଲେ।

## ଆଖୁ ଟନ୍ ପ୍ରତି ଦର ୩ ହଜାର ୫ଶହ ଟଙ୍କା

ଆସିକା,୯।୧ (ସୁରେନ୍ଦ୍ର ନାଥ ସାହୁ) ଆସିକା ସମବାୟ ଚିନିଶିଳ୍ପର ଚଳିତ ଆଖୁପେଡା ଲାଗି ସମସ୍ତ ପ୍ରସ୍ତୁତି ସରିଥିଲା ବେଳେ କାରଖାନାକୁ ଆଖୁ ଯୋଗାଉଥିବା ଚାଷିଙ୍କୁ ସେମାନଙ୍କ ଆଖୁ ଦର ନେଇ ବହୁବାର ଆଲୋଚନା ହୋଇଥିଲେ ମଧ୍ୟ ଏହା ସହମତିରେ ପହଞ୍ଚିପାରିନଥିଲା। ଗୁରୁବାର ଚିନିଶିଳ୍ପ ସଭା ଗୃହରେ ଆଖୁଚାଷିଙ୍କୁ ନେଇ କାରଖାନା ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆଲୋଚନାରେ ଆଖୁ ଟନ ପ୍ରତି ୩ହଜାର ୫ଶହ ଟଙ୍କା ଦେବା ଲାଗି ଘୋଷଣା କରାଯାଇଛି। ପୂର୍ବରୁ ଆଖୁଚାଷି ସଂଘ ପକ୍ଷରୁ ଆଖୁ ଟନ ପ୍ରତି ୪ହଜାର ୫ଶହ ଟଙ୍କା ଦାବି କରାଯାଉଥିଲା ବେଳେ ପରବର୍ତ୍ତି ଅବସ୍ଥାରେ ଗୁରୁବାର ଆଲୋଚନା ବୈଠକ ପରେ ନୂଆଦରକୁ ନେଇ ଆଖୁଚାଷି ସହମତ ହୋଇଥିବା ଜଣାପଡ଼ିଛି। ତେବେ ଆଖୁ ପରିବହନ ଲାଗି ପୂର୍ବରୁ ରହିଥିବା ବ୍ୟବସ୍ଥା ଚଳିତବର୍ଷ ପାଇଁ ମଧ୍ୟ କାଏମ ରହିଛି । ଅପରପକ୍ଷେ ଆଖୁଚାଷିଙ୍କ ପକ୍ଷରୁ ବ୍ୟୟବହୁଳ ଆଖୁଚାଷ ଲାଗି ଚାଷି ହନ୍ତସନ୍ତ ହେଉଥିବା ଓ ଆଶାନୁରୂପ ଦର ପାଉନଥିବା ପ୍ରକାଶ କରିବା ସହ ରାଜ୍ୟସରକାର ଆଖୁଚାଷିଙ୍କୁ ଇନପୁଟ ସବସିଡି ଆକାରରେ ୧ହଜାର ଟଙ୍କା ବୋନସ ଦେବା ପାଇଁ ଆଖୁଚାଷି ସଂଘ ପକ୍ଷରୁ ଦାବି କରାଯାଇଛି। ଚିନିଶିଳ୍ପ ପରିଚାଳନା ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା, ଗଞ୍ଜାମ ଜିଲା ଆଖୁଚାଷି ସଂଘର ସଭାପତି ସମୀର ପ୍ରଧାନ, ସମ୍ପାଦକ ତଥା ଚିନିଶିଳ୍ପର ଡାଇରେକ୍ଟର ପୂର୍ଣ୍ଣଚନ୍ଦ୍ର ବରାଡ, ଭଗବାନ ସ୍ୱାଇଁ, ଜଳନ୍ଧର ଦଳାଇ, ଧନୁର୍ଦ୍ଧର ସ୍ୱାଇଁ, ବାଲ୍ୟକୁମାର ସ୍ୱାଇଁଙ୍କ ସମେତ ବହୁ ଚାଷିନେତା ଓ ଡାଇରେକ୍ଟର ଉପସ୍ଥିତ ଥିଲେ ।

## ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ

ରମ୍ଭା,୯।୧(ବନବାସୀ ସେଠୀ) ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଛି। ଏହାକୁ ଅଧ୍ୟକ୍ଷ ଡ଼.ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ହୋଇଥିଲା। ଏଥିରେ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ, ଅଧ୍ୟାପକ ଶରତ ଚନ୍ଦ୍ର ଯୋଶୀ, ଅଧ୍ୟାପକ କିଶୋର ଚନ୍ଦ୍ର ପାଇକ, ଅଧ୍ୟାପକ କାଳୀ ପ୍ରସାଦ ରେଡ୍ଡୀ, ସଂଯୋଜିକା ଭାବେ ଅଧ୍ୟାପିକା ତଥା ନୋଡାଲ ଅଫିସର ସୁଶ୍ରୀ ସଙ୍ଗୀତା ପଣ୍ଡା, ସହ ସଂଯୋଜକ ଭାବେ ଅଧ୍ୟାପକ ଅମର ନାହାକ, ମାଷ୍ଟର ଟ୍ରେନର ଭାରତୀ ଗୌଡ଼, କଲ୍ୟାଣୀ କୁମାରୀ ପଣ୍ଡା ମଞ୍ଚାସୀନ ଥିଲେ। ଛାତ୍ରୀମାନଙ୍କୁ ନିଜ ନିଜର ଆତ୍ମ ରକ୍ଷା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିରେ ୧୪୭ ଜଣ ଛାତ୍ରୀଙ୍କୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ।

## ଦିଗପହଣ୍ଡିରେ ସବ୍‌ଜଜ୍ କୋର୍ଟ ପାଇଁ ସ୍ମାରକପତ୍ର

ଦିଗପହଣ୍ଡି,୯।୧(ଅଶେଷ ନାଥ ମିଶ୍ର) ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହଙ୍କ ବ୍ରହ୍ମପୁର ଗସ୍ତ ସମୟରେ ଗୁରୁବାର ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ଏକ ପ୍ରତିନିଧି ଦଳ ମୁଖ୍ୟ ବିଚାରପତିଙ୍କ ସହ ସାକ୍ଷାତ କରି ଆଲୋଚନା କରିଛନ୍ତି। ଖେମୁଣ୍ଡି ଓକିଲଙ୍କ ଦୀର୍ଘ ଦିନରୁ ରହି ଆସିଥିବା ସବଜଜ୍ କୋର୍ଟ ପ୍ରତିଷ୍ଠା ଦାବି ସମ୍ପର୍କରେ ଆଲୋଚନା କରାଯିବା ସହ ମୁଖ୍ୟ ବିଚାରପତିଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଓକିଲ ସଂଘର ସଭାପତି ହରପ୍ରସାଦ ରଥ, ସମ୍ପାଦକ ପ୍ରଦୀପ କୁମାର ନାୟକ, ବରିଷ୍ଠ ଆଇନଜୀବୀ ରସାନନ୍ଦ ରାଉତ, ପରେଶ ଚନ୍ଦ୍ର ରଥ, ମନୋରଞ୍ଜନ ପଣ୍ଡା, ବିଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗଞ୍ଜାମ ଜିଲା ପ୍ରଶାସନିକ ଦାୟିତ୍ୱରେ ଥିବା ହାଇକୋର୍ଟ ବିଚାରପତି ବିଭୂପ୍ରସାଦ ରାଉତରାୟ, ଗଞ୍ଜାମ ଜିଲା ଦୌରା ଜଜ୍ ରୂପଶ୍ରୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ କୋଟିର ବହୁତଳ ପାର୍କିଂ କମ୍ପ୍ଲେକ୍ସ ନିର୍ମାଣରେ ବିଳମ୍ବ

ବ୍ରହ୍ମପୁର,୯।୧(ସ୍ମୃତି ରଞ୍ଜନ ମହାଲିକ) ସହର ମଧ୍ୟରେ ଯାନବାହାନ ପାର୍କି ସୁବିଧା ନ ଥିବାରୁ ଟ୍ରାଫିକ ଯନ୍ତ୍ରଣା ବୃଦ୍ଧି ପାଇଛି। ବିଶେଷ କରି ପୁରୁଣା ବସ ଷ୍ଟାଣ୍ଡଠାରୁ ଆରମ୍ଭ କରି ଗିରିଜା ଛକ, ବଡ ବଜାର ଓ ସାନ ବଜାର ଯାଏଁ ପାର୍କି ସୁବିଧା ନାହିଁ। ଫଳରେ ବିଏମସି ଫାୟାର ଷ୍ଟେସନ ରୋଡ ଓ ମୟୂରୀ ଟାୱାର ନିକଟରେ ରାସ୍ତା ମଝିକୁ ପାର୍କି ସ୍ଥଳ ଭାବେ ବାଛିଛି। ଯେଉଁଠାରେ ସହରବାସୀ ସମେତ ଜିଲା ବାହାରୁ ଆସୁଥିବା ଲୋକେ ଏହି ସ୍ଥାନରେ ଦୁଇ ଚକିଆ ଯାନ ପାର୍କି କରୁଛନ୍ତି। କିନ୍ତୁ ପାର୍ବଣ ସମୟରେ ଅଧିକ ମାତ୍ରାରେ ପାର୍କି କାରଣରୁ ସମଗ୍ର ଅଂଚଳ ଜାମ ହୋଇଯାଉଛି। ଅନ୍ୟପଟେ ୪ ଚକିଆ ଯାନ ପାର୍କି ପାଇଁ କୌଣସି ସୁବିଧା ନାହିଁ। ଫଳରେ ରାସ୍ତା ପାର୍ଶ୍ୱରେ ସେଗୁଡିକ ରହିବାରୁ ଟ୍ରାଫିକ ସମସ୍ୟା ବହୁଗୁଣିତ ହେଉଛି। ବିଏମସି ପକ୍ଷରୁ କେତେବେଳେ ପାର୍କି ଫି ଆଦାୟ କରାଯାଉଛି। ଅନ୍ୟ କେତେବେଳେ ଫି ଆଦାୟ ବନ୍ଦ ରହୁଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସହରର ପୁରୁଣା ବସ ଷ୍ଟାଣ୍ଡ ସ୍ଥିତ ପୂର୍ବରୁ ଥିବା ୟୁ ମାର୍କେଟଠାରେ ବହୁ ତଳ ପାର୍କି କମ୍ପ୍ଲେକ୍ସ ଯୋଜନା କରିଥିଲା। ୨୦୨୨ ଜୁନ ୪ ତାରିଖରେ ବିଡିଏ ସାଧାରଣ ପରିଷଦ ବୈଠକରେ ଉକ୍ତ କମ୍ପ୍ଲେକ୍ସ ନିର୍ମାଣ ନିଷ୍ପତ୍ତି ହୋଇଥିଲା। ୯.୮୦ କୋଟି ବ୍ୟୟରେ ୪ ମହଲା ବିଶିଷ୍ଟ କମ୍ପ୍ଲେକ୍ସ ନିର୍ମାଣ ସ୍ଥିର ହୋଇଥିଲା। ଗିରି ମାର୍କେଟ, ଅନ୍ନପୂର୍ଣ୍ଣା ମାର୍କେଟ ଓ ରାମଲିଙ୍ଗେଶ୍ୱର ଭଳି ବିଭିନ୍ନ ସ୍ଥାନରୁ ଆସୁଥିବା ଯାନବାହନ ପାର୍କି ଏଠାରେ ହୋଇପାରିବ। କୋଠା କାର୍ଯ୍ୟ ଦୁଇ ପର୍ଯ୍ୟାୟରେ ସାରିବା ଲକ୍ଷ୍ୟ ଥିଲା। ସାରଥୀ ଇନଫ୍ରାଷ୍ଟ୍ରକଚର ନାମକ ଘରୋଇ ସଂସ୍ଥାକୁ କାର୍ଯ୍ୟଭାର ଦିଆଯାଇଥିଲା। ନିଷ୍ପତ୍ତି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୨ ମହଲା କୋଠା ନିର୍ମାଣ ହେବ। ଏଠାରେ ୩୨୮ଟି ୨ ଚକିଆ ଓ ୨୦୬ଟି ୪ ଚକିଆ ଯାନ ପାର୍କି ସହ ୪୨ ଦୋକାନ ଘର କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ୩ୟ ଓ ୪ର୍ଥ ମହଲା କୋଠାରେ ୩୧୬ ବର୍ଗ ମିଟରରେ ୧୮୦ କାର ପାର୍କି ହୋଇପାରିବ। ଏଥିସହ ଉପର ମହଲାରେ ଖୋଲା ରେଷ୍ଟୁରାଣ୍ଟ ହେବ। ୨୦୨୩ ଏପ୍ରିଲ ୯ ତାରିଖ ସୁଦ୍ଧା ପ୍ରଥମ କାର୍ଯ୍ୟ ସାରିବା ଲକ୍ଷ୍ୟ ଥିଲା। ତେଣୁ ସେଠାକାର ବସାୟୀଙ୍କୁ ବିଏମସି ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଧାର୍ଯ୍ୟ ସମୟର ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଏଯାବତ ପ୍ରଥମ ପର୍ଯ୍ୟାୟ କାମ ସରିନି। କେବଳ ପିଲର ଉଠାଇ ଗୋଟିଏ ପାର୍ଶ୍ୱ ଛାତ ପକାଇ ଛାଡିଦିଆଯାଇଛି। ଫଳରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଅନ୍ୟପକ୍ଷରେ କାର୍ଯ୍ୟ ହେଉଥିବା ସ୍ଥାନର ଚତୁଃପାର୍ଶ୍ୱରେ ଟିଣ ବାରିକେଡ କରାଯାଇଛି। ଯଦ୍ୱାରା ସମଗ୍ର ଅଂଚଳର ରାସ୍ତା ସଂକୁଚିତ ହେବାରୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଲୋକଙ୍କ ବ୍ୟବହୃତ ଶୌଚାଳୟକୁ ବି ଭାଙ୍ଗି ଦିଆଯାଇଛି। ଫଳରେ ଏଠାକୁ ଆସୁଥିବା ଓ ସ୍ଥାନୀୟ ଲୋକେ ଶୌଚ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ବିଡିଏ ପକ୍ଷରୁ ନିର୍ମାଣ କାର୍ଯ୍ୟ ସାରିବାରେ କୌଣସି ତତ୍ପରତା ଦେଖାଉନଥିବା ଅଭିଯୋଗ ହେଉଛି। ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ବିଡିଏ ପକ୍ଷରୁ ବାରମ୍ବାର ଡିଜାଇନ ପରିବର୍ତ୍ତନ କରାଯାଉଛି। ଗତ ୩ ମାସ ତଳେ ବିଡିଏ ପକ୍ଷରୁ ପୁଣି ଏକ ଡିଜାଇନ ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ବାରମ୍ବାର ଡିଜାଇନ ପରିବର୍ତ୍ତନ କାରଣରୁ କାର୍ଯ୍ୟ ବିଳମ୍ବ ହେଉଛି। ଆସନ୍ତା ୧୫ ମାସ ମଧ୍ୟରେ କୋଠା କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏ ନେଇ ବିଡିଏ ସଚିବ ରମେଶ ହାଂସଦାଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି।

**ସହରରେ ଟ୍ରାଫିକ୍ ସମସ୍ୟା ଅସହ୍ୟ**



ନିର୍ମାଣାଧୀନ ବହୁତଳ ପାର୍କିଂ କମ୍ପ୍ଲେକ୍ସ।

